# NATIONAL NEWS BULLETIN (ODIA)

## 3 September - 2024

## Morning Bulletin : 7.15 a.m.

***********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ୩ ଦିନିଆ ବ୍ରୁନେଇ ଏବଂ ସିଙ୍ଗାପୁର ଗସ୍ତରେ ଯିବେ ।

- ନୂଆଦିଲ୍ଲୀରେ ଆଜି କୃଷି ବୀମା ପାଣ୍ଠି ଏବଂ କୃଷି ନିବେଶ ପୋର୍ଟାଲର ଶୁଭାରମ୍ଭ କରିବେ, କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ।

- ଭାରତୀୟ ବାୟୁସେନାର ମିଗ୍-୨୯ ଲଢୁଆ ବିମାନ ଦୁର୍ଘଟଣା ଗ୍ରସ୍ତ ।

ଏବଂ

- ପ୍ୟାରିସ୍ ପାରାଅଲିମ୍ପିକ୍ସ ୨୦୨୪ର ପଞ୍ଚମ ଦିନରେ ପଦକ ତାଲିକାର ୧୫ତମ ସ୍ଥାନକୁ ଉନ୍ନିତ ହେଲା ଭାରତ ।

# ପ୍ରଧାନମନ୍ତ୍ରୀ-ବୃନେଇ-ସିଙ୍ଗାପୁର ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ୩ ଦିନିଆ ବୃନେଇ ଏବଂ ସିଙ୍ଗାପୁର ଗସ୍ତରେ ଯିବେ । ଏ ସଂପର୍କରେ ଗଣମାଧ୍ୟମକୁ ସମ୍ବୋଧିତ କରି ସଚିବ ଜୟଦୀପ ମଜୁମଦାର କହିଛନ୍ତି ବୃନେଇକୁ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ଗସ୍ତ । ବୃନେଇର ସୁଲତାନ୍ ହାଜି ହସନ୍ ଅଲ୍ ବୋଲ୍କିଆଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଗସ୍ତ କରୁଛନ୍ତି । ସେ ଆଜି ବୃନେଇ ଗସ୍ତ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦ୍ୱିପାକ୍ଷିକ ସଂପର୍କ ମଜବୁତ କରିବା ନେଇ ଆଲୋଚନା କରିବେ । ଭାରତ ଏବଂ ବୃନେଇ ମଧ୍ୟରେ କୂଟନୈତିକ ସଂପର୍କକୁ ୪୦ ବର୍ଷ ପୂରଣ ହେଉଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ଶ୍ରୀ ମଜୁମଦାର କହିଛନ୍ତି ଆକ୍ଟ ଇଷ୍ଟ୍ ନୀତିର ବୃନେଇ ହେଉଛି ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର । ବିଦେଶ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଆସନ୍ତା ୪ ଓ ୫ ତାରିଖରେ ସିଙ୍ଗାପୁର ଗସ୍ତ କରିବେ । ପ୍ରାୟ ୬ ବର୍ଷର ବ୍ୟବଧାନ ପରେ ପ୍ରଧାନମନ୍ତ୍ରୀ ସିଙ୍ଗାପୁର ଗସ୍ତ କରୁଛନ୍ତି । ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ଓ୍ୱାଙ୍ଗ୍‌ଙ୍କ ନିମନ୍ତ୍ରଣ କ୍ରମେ ସେ ସିଙ୍ଗାପୁର ଗସ୍ତ କରିବେ । ଉଭୟ ନେତା ବିକାଶ କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରିବା ସହିତ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ସମସ୍ୟା ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ଲ କମିଶନ୍

କେନ୍ଦ୍ର ସରକାର ୨୩ତମ ବିଧି ଆୟୋଗ ଗଠନ ନିମନ୍ତେ ବିଜ୍ଞପ୍ତି ଜାରି କରିଛନ୍ତି । ତିନି ବର୍ଷ ପାଇଁ ଗଠିତ ହେବାକୁ ଥିବା ବିଧି ଆୟୋଗର କାର୍ଯ୍ୟକାଳ ୨୦୨୭ ଅଗଷ୍ଟ ୩୧ ପର୍ଯ୍ୟନ୍ତ କାର୍ଯ୍ୟ କରିବ । ଆୟୋଗରେ ଜଣେ ସ୍ଥାୟୀ ଅଧ୍ୟକ୍ଷଙ୍କ ସମେତ ସଦସ୍ୟ ସଚିବ ଓ ୪ ଜଣ ସଦସ୍ୟ ରହିବେ ।

ସୂଚନା ଅନୁଯାୟୀ ବିଧି ଆୟୋଗରେ ସଂସଦୀୟ ଏବଂ ବିଧି ବିଭାଗର ସଚିବ ଆୟୋଗର ସଦସ୍ୟ ଭାବେ କାର୍ଯ୍ୟ କରିବେ । ଆୟୋଗରେ ୫ ଜଣ ଆଂଶିକ ସଦସ୍ୟ ଭାବେ କାର୍ଯ୍ୟ କରିବେ । ସୁପ୍ରିମ୍‌କୋର୍ଟ୍‌ରେ କିମ୍ବା ହାଇକୋର୍ଟ୍‌ରେ କାର୍ଯ୍ୟରତ ବିଚାରପତି ଏହି ଆୟୋଗର ଅଧ୍ୟକ୍ଷ ଏବଂ ସଦସ୍ୟ ରହିବାର ବ୍ୟବସ୍ଥା ରହିଛି । ସମ୍ପୃକ୍ତ ବିଚାରପତିମାନେ ନିଜ ଅବସର ସମୟ କିମ୍ବା ଆୟୋଗର କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ କାର୍ଯ୍ୟ କରିବେ ।

## ଏଗ୍ରିସିଓର୍-ଶିବରାଜ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଆଜି ନୂଆଦିଲ୍ଲୀରେ କୃଷି ବୀମା ପାଣ୍ଠି ଏବଂ କୃଷି ନିବେଶ ପୋର୍ଟାଲର ଶୁଭାରମ୍ଭ

କରିବେ। ମନ୍ତ୍ରୀ ଶ୍ରୀ ଚୌହ୍ୱାନ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ବ୍ୟାଙ୍କ ଏବଂ ରାଜ୍ୟମାନଙ୍କୁ କୃଷି ଭିତ୍ତିଭୂମି ପାଣ୍ଠି- ଏ.ଆଇ.ଏଫ୍ ଉତ୍କର୍ଷ ପୁରସ୍କାର ପ୍ରଦାନ କରିବେ। ଏହି ସମାରୋହରେ ରାଷ୍ଟ୍ରମନ୍ତ୍ରୀ ଏବଂ ବିଭିନ୍ନ ରାଜ୍ୟ ଓ ବ୍ୟାଙ୍କର ପ୍ରତିନିଧିମାନେ ଯୋଗଦେବେ। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ପୁରସ୍କାର ସମାରୋହ ଅନ୍ୟ ବ୍ୟାଙ୍କଗୁଡ଼ିକୁ ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି କରିବାକୁ ପ୍ରେରଣା ଦେବା ସହ ଯୋଜନାର ସାମଗ୍ରିକ ସଫଳତାରେ ଯୋଗଦାନ ବୃଦ୍ଧି କରିବ। ଏହି କୃଷି ଭିତ୍ତିଭୂମି ପାଣ୍ଠି-ଏ.ଆଇ.ଏଫ୍. ଯୋଜନା-୨୦୨୨ରେ କୃଷି ଅମଳ ପରବର୍ତ୍ତୀ ପରିଚାଳନା ଭିତ୍ତିଭୂମି ଏବଂ କୃଷକମାନଙ୍କ ପାଇଁ କୃଷି ଯନ୍ତ୍ରପାତି ଯୋଗାଇ ଦେବାକୁ ଆରମ୍ଭ କରାଯାଇଥିଲା।

## ମିଗ୍-୨୯ କ୍ରାସ୍

ଭାରତୀୟ ବାୟୁସେନାର ଏକ ମିଗ୍-୨୯ ଲଢୁଆ ବିମାନ ଗତ ରାତିରେ ରାଜସ୍ଥାନର ବାଡ୍‌ମେର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ବାୟୁସେନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାତ୍ରି ପ୍ରଶିକ୍ଷଣରେ ଯାଇଥିବା ଏହି ବିମାନରେ ବୈଷୟିକ ତ୍ରୁଟି ଦେବାଦେବା ଯୋଗୁଁ ପାଇଲଟ୍ ବିମାନରୁ ସୁରକ୍ଷିତ ଭାବେ ବାହାରି ଆସିଥିଲେ । ଏହି ଦୁର୍ଘଟଣାରେ

କୌଣସି କ୍ଷୟକ୍ଷତି ହୋଇଥିବା ସୂଚନା ମିଳିନାହିଁ । ଘଟଣାର କୋର୍ଟ ଅଫ୍ ଇନ୍‌କ୍ୱାରି ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି ।

## ଜାତୀୟ ରାଜପଥ-ଟୋଲପ୍ଲାଜା

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଏନ୍.ଏଚ୍.ଏ.ଆଇ. ଦେଶର ୧୦୦ଟି ଟୋଲ୍‌ପ୍ଲାଜା ଉପରେ ପ୍ରତ୍ୟକ୍ଷ ନଜର ରଖିବା ଲାଗି ପଦକ୍ଷେପ ଗ୍ରହଣ କରିଛନ୍ତି । ପ୍ରାୟ ୧ହଜାର ୩୩ଟି ଜାତୀୟ ରାଜପଥ ହେଲ୍ପ ଲାଇନ୍ ଦ୍ୱାରା ମିଳିଥିବା ମତାମତ ଉପରେ ଆଧାର କରି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକ ସଂଖ୍ୟାରେ ଟୋଲ୍‌ପ୍ଲାଜା ଉପରେ ନଜର ରଖାଯିବ ବୋଲି କୁହାଯାଇଛି ।

ସୂଚନା ଅନୁଯାୟୀ, ଏଥିଲାଗି ଜାରି କରାଯାଇଥିବା ସଫ୍ଟୱେୟାର୍‌ରେ ଟୋଲ୍‌ପ୍ଲାଜାର ନାମ ଏବଂ ସ୍ଥାନର ନାମ ଦେବା ପରେ ସମ୍ପୃକ୍ତ ଟୋଲପ୍ଲାଜାରେ କେତେ ଲମ୍ବା ଧାଡ଼ି ରହିଛି, କେତେ ସମୟ ଅପେକ୍ଷା କରିବାକୁ ପଡ଼ିବ ଓ ଯାନବାହନର ଗତି କେତେ ରହିଛି ତାହା ଜଣାପଡ଼ିବ । ଏହାଛଡ଼ା ଅଧିକ ଟ୍ରାଫିକ୍ ଥିଲେ ମଧ୍ୟ ସମ୍ପୃକ୍ତ ସଫ୍ଟୱେୟାର୍ ମାଧ୍ୟମରେ ସୂଚନା ମିଳିପାରିବ ।

## ପିଆଇବି-ତଥ୍ୟ ଯାଞ୍ଚ

ପତ୍ରସୂଚନା କାର୍ଯ୍ୟାଳୟର ତଥ୍ୟ ଯାଞ୍ଚ୍ ଶାଖା ପକ୍ଷରୁ ଭାରତୀୟ ଜୀବନବିମା ନିଗମ – ଏଲ୍.ଆଇ.ସି. ପକ୍ଷରୁ  ଜାରି କରାଯାଇଥିବା ଏକ ନୋଟିସ୍‌କୁ ଗୁଜବ ବୋଲି କହିଛି । ଏହି ମାସ ଶେଷ ସୁଦ୍ଧା ଏଲ୍.ଆଇ.ସି. ତାର ସମସ୍ତ ପଲିସିକୁ ଫେରସ୍ତ ନେବ ବୋଲି ଗୁଜବ ପ୍ରଚାର ହୋଇଛି । ଏକ ନକଲି ନୋଟିସ୍ ମାଧ୍ୟମରେ କୁହାଯାଇଛି, ଏଲ୍.ଆଇ.ସି. ତାର ପ୍ରିମିୟମ୍ ଏବଂ ପଲିସି ନିୟମରେ ପରିବର୍ତ୍ତନ କରିବାକୁ ଯାଉଛି । ତଥ୍ୟ ଯାଞ୍ଚ୍ ବିଭାଗ କହିଛି, ଏଭଳି କୌଣସି ନୋଟିସ୍ ଜାରି କରାଯାଇ ନାହିଁ ।

## ପାରାଅଲିମ୍ପିକ୍ସ

ପ୍ୟାରିସ୍ ପାରା ଅଲିମ୍ପିକ୍ସ ୨୦୨୪ର ପଞ୍ଚମ ଦିନରେ ଭାରତ ପଦକ ତାଲିକାର ପଞ୍ଚଦଶ ସ୍ଥାନରେ ପହଞ୍ଚିଛି । ସୁମିତ ଅନ୍ତିଲ୍ ଜାଭଲିନ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଅନ୍ତିଲ୍ ଦ୍ୱିତୀୟ ପ୍ରୟାସରେ ୭୦ ଦଶମିକ୍ ୫/୯ ମିଟର ଜାଭଲିନ୍ ଥ୍ରୋ କରି ନୂଆ ରେକର୍ଡ ସ୍ଥାପନ କରିଛନ୍ତି ।

ବ୍ୟାଡ୍‌ମିଣ୍ଟନ୍‌ର ନିତେଶ କୁମାର ପୁରୁଷ ଏକକ **SL-3** ଶ୍ରେଣୀରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସୁହାସ ଜତିରାଜ ପୁରୁଷ ଏକକ **SL-4** ବର୍ଗରେ ରୌପ୍ୟ ପଦକ ଜିତିଛନ୍ତି । ସୁହାସ ଅନ୍ତିମ ମ୍ୟାଚ୍‌ରେ ପୂର୍ବଥରର

ଚାମ୍ପିୟନ୍ ଲୁକାସ୍ ମଜୁରଙ୍କ ଠାରୁ ୯-୨୧ ଏବଂ ୧୩-୨୧ ସେଟ୍‌ରେ ପରାସ୍ତ ହୋଇଛନ୍ତି । ସେହିପରି ମହିଳା ଏକକ **SU-5** ବର୍ଗରେ ତୁଳସୀମଥି ମୁର୍ଗେସନ୍ ଫାଇନାଲ୍‌ରେ ଚୀନ୍‌ର କ୍ୟୁ ଜିଆ ୟାଙ୍ଗ୍‌ଙ୍କ ଠାରୁ ପରାସ୍ତ ହେବା ପରେ ରୌପ୍ୟ ପଦକରେ ସୀମିତ ରହିଛନ୍ତି । ମନିଶା ରାମଦାସ ଡେନ୍‌ମାର୍କର କ୍ୟାଥରିନ୍ ରୋଜେନଗ୍ରେନଙ୍କୁ ପରାସ୍ତ କରି ମହିଳା ଏକକ **SU-5** ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

ନିତ୍ୟାଶ୍ରୀ ଶିବନ ମଧ ମହିଳା ଏକକ **SH-6** ବର୍ଗରେ ବ୍ରୋଞ୍ଜ ପଦକ ଜିତିଛନ୍ତି । ଅନ୍ୟ ପକ୍ଷରେ ତୀର ଚାଳନାର ମିଳିତ ପର୍ଯ୍ୟାୟରେ ଶୀତଲ ଦେବୀ ଏବଂ ରାକେଶ କୁମାର ବ୍ରୋଞ୍ଜ ପଦକ ଜିତିଛନ୍ତି । ଯୋଗେଶ କାଥୁନିଆ ପୁରୁଷ ଡିସ୍‌କସ୍ ଥ୍ରୋ **F-56** ବର୍ଗରେ ଫାଇନାଲ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ପଦକ ବିଜେତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଆଜି ବନ୍ଧୁକଚାଳନାରେ ଅବନି ଲେଖରା ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିବେ । ସେହିପରି ମରିୟପ୍ପନ ଥଙ୍ଗାବେଲୁ ପୁରୁଷ ଉଚ୍ଚଡିଆଁ **T-63** ଫାଇନାଲ୍ ମ୍ୟାଚ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବେ ।

## ଆଇଆଇଟି ଦିଲ୍ଲୀ-ଆବୁଧାବି କ୍ୟାମ୍ପସ୍

ଆବୁଧାବିର ଶାସକ ପ୍ରିନ୍ସ ଶେଖ୍ ଖାଲିଦ୍ ବିନ୍ ମହମ୍ମଦ ବିନ୍ ଜାୟଦ୍ ଅଲ୍ ନ୍ୟାହାନ୍ ଆଇ.ଆଇ.ଟି. ଦିଲ୍ଲୀର ଆବୁଧାବି କ୍ୟାମ୍ପସ୍‌ର ଉଦ୍‌ଘାଟନ କରିଛନ୍ତି । ଆନ୍ତର୍ଜାତିକ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ଆଇ.ଆଇ.ଟି. କ୍ୟାମ୍ପସ୍ ସ୍ଥାପନ ହେବା ଆବୁଧାବି ପାଇଁ ଐତିହାସିକ କ୍ଷଣ ଥିଲା । ଏହି ଅବସରରେ କମ୍ପ୍ୟୁଟର ବିଜ୍ଞାନ, ଇଞ୍ଜିନିୟରିଂର ୫୨ଜଣ ସ୍ନାତକ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ସ୍ନାତକ ପାଠ୍ୟକ୍ରମ ପାଇଁ ଜେ.ଇ.ଇ. ଆଡଭାନ୍ସ ପରୀକ୍ଷା ଏବଂ ସଂଯୁକ୍ତ ପ୍ରବେଶ ପରୀକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଚୟନ କରାଯାଇଥିଲା । ନୂଆ କ୍ୟାମ୍ପସ୍‌ରେ ଭାରତ, ୟୁ.ଏ.ଇ. ଏବଂ ଆନ୍ତର୍ଜାତିକ ପ୍ରତିଭାର ମିଳନ ଘଟିଛି । ୨୦୨୨ ଫେବୃୟାରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କ୍ୟାମ୍ପସ୍‌ର ସ୍ଥାପନ କରିଥିଲେ । ଆଇ.ଆଇ.ଟି. ଦିଲ୍ଲୀ ଆବୁଧାବି ଚଳିତ ବର୍ଷ ଜାନୁଆରୀରେ ଏନର୍ଜି ଟ୍ରାଞ୍ଜିସନ୍ ଆଣ୍ଡ ସଷ୍ଟେନାବିଲିଟି ପାଠ୍ୟକ୍ରମର ଏମ୍.ଟେକ୍ ଡିଗ୍ରୀ ଆରମ୍ଭ କରିଥିଲା ।

## ଆଇଇପିଏଫ୍ଏ-ନୂଆ ନମ୍ବର

ନିବେଶକ ଶିକ୍ଷା ଏବଂ ସଂରକ୍ଷଣ ପାଣ୍ଠି ପ୍ରାଧିକରଣ – ଆଇ.ଇ.ପି.ଏଫ୍.ଏ. ଏକ ପାଞ୍ଚଟିକିଆ ଦେୟମୁକ୍ତ ନମ୍ବର ଘୋଷଣା

କରିଛି । ନୂଆ ଦେୟମୁକ୍ତ ନମ୍ବର ଜରିଆରେ ବ୍ୟବହାରକାରୀ ମାନେ ଅନେକ ଗୁଡ଼ିଏ ଭାଷାରେ ଉନ୍ନତ କଲ୍ ସେଣ୍ଟର ସୁବିଧା ପାଇପାରିବେ । କର୍ପୋରେଟ୍ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଆଇ.ଭି.ଆର୍.ଏସ୍. ସେବା ୨୪ ଘଣ୍ଟା ଉପଲବ୍ଧ ହେବ ଏବଂ କଲ୍ ସେଣ୍ଟର ସୁବିଧା ସକାଳ ସାଢ଼େ ୯ଟାରୁ ସନ୍ଧ୍ୟା ସାଢ଼େ ୫ ଟା ପର୍ଯ୍ୟନ୍ତ ଉପଲବ୍ଧ ହେବ । ଇତିମଧ୍ୟରେ ପୁରୁଣା ଦେୟମୁକ୍ତ ନମ୍ବରକୁ ବନ୍ଦ କରି ଦିଆଯାଇଛି । ମନ୍ତ୍ରଣାଳୟ କହିଛି, ନୂଆ ନମ୍ବର ମାଧ୍ୟମରେ ଲୋକମାନଙ୍କୁ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ ।

## ଦିବ୍ୟାଂଶି-ଟେବୁଲ୍ ଟେନିସ୍

କ୍ରୋଏସିଆରେ ଚାଲିଥିବା ବିଶ୍ୱ ଟେବୁଲ୍ ଟେନିସ୍ ୟୁଥ୍ କଣ୍ଟେଣ୍ଡର୍ ୨୦୨୪ ପ୍ରତିଯୋଗିତାରେ ୧୯ ବର୍ଷରୁ କମ୍ ବର୍ଗରେ ଭାରତର ଦିବ୍ୟାଂଶି ଭୌମିକ୍ ବ୍ରୋଞ୍ଜ ପଦକ ଜିତିଛନ୍ତି । ଖେଲୋ ଇଣ୍ଡିଆ କ୍ରୀଡ଼ାବିତ୍ ୧୩ ବର୍ଷୀୟ ଦିବ୍ୟାଂଶିଙ୍କୁ ଏହି ସଫଳତା ମିଳିଛି ।